
ODIA



# ଡଙ୍ଗା ଚାଲିଲା


କାହାଣୀ ଏବଂ ଚିତ୍ର

ଭି ସୁତେୟେବ

eklavya

ଗୋଟେ ବେଙ୍ଗ, ଗୋଟେ କୁକୁଡ଼ା ଚିଆଁ, ଗୋଟେ ମୂଷା, ଗୋଟେ ପିମ୍ପୁଡ଼ି ଏବଂ ଗୋଟେ ଗୋବର ପୋକ ବୁଲି ବାହାରିଲେ।

ବୁଲୁବୁଲୁ ସେମାନେ ଗୋଟେ ହ୍ରଦ ପାଖରେ ପହଞ୍ଚିଲେ।






"ଚାଲ ପହଁରିବା" କହି ବେଙ୍ଗ ପାଣି ଭିତରକୁ ଡିଆଁ ମାରିଦେଲା।

“କିନ୍ତୁ ଆମକୁ ତ ପହଁରି ଆସେନାହିଁ,” କହିଲେ କୁକୁଡ଼ା ଚିଆଁ, ମୂଷା, ପିମ୍ପୁଡ଼ି ଓ ଗୋବର ପୋକ।

“କଟର୍-କଟର୍-କଟର୍, ତେବେ ତୁମର ଏଠାରେ କିଛି କାମ ନାହିଁ,” ବେଙ୍ଗ ହସି ହସି କହିଲା ଏବଂ ହସି ଚାଲିଲା। ଏବଂ ଏତେ ହସିଲା ଯେ ତା’ର ଶ୍ୱାସ ରୁଦ୍ଧ ହୋଇଗଲା।






କୁକୁଡ଼ା ଚିଆଁ, ମୂଷା, ପିମ୍ପୁଡ଼ି ଆଉ ଗୋବର ପୋକକୁ ଭାରି ଖରାପ ଲାଗିଲା। ଏମାନେ କିଛି ଉପାୟ ବାହାର କରିବାକୁ ଚିନ୍ତାକଲେ। ସେମାନେ ଚିନ୍ତା କରିଚାଲିଲେ, କରିଚାଲିଲେ, କରିଚାଲିଲେ। ଏବଂ ଶେଷରେ ସେମାନେ ଏହି ଉପାୟ ବାହାର କଲେ।





କୁକୁଡ଼ା ଚିଆଁ ଶୀଘ୍ର ଯାଇ ଗୋଟେ ପତ୍ର
ନେଇଆସିଲା।

ମୂଷା ଅଖରୋଟର ଖୋଳପା ଘେନି ଆଣିଲା।





ପିମ୍ପୁଡ଼ି ଗୋଟେ କାଶତଣ୍ଡିର ଡାଙ୍ଗ ଘେନି ଆସିଲା।
ଗୋବର ପୋକ ଖଣ୍ଡେ ଲମ୍ବା କଳାସୂତା ନେଇ
ଆସିଲା।





ସମସ୍ତେ ଏବେ କାମରେ ଲାଗିଗଲେ। ସେମାନେ
କାଶତଣ୍ଡି ଡାଙ୍ଗକୁ ଅଖରୋଟ୍ ର ଖୋଳପା
ଭିତରେ ପଶାଇଦେଲେ ଓ ପତ୍ରକୁ ସେଥିରେ
ସୂତାସହ ବାନ୍ଧିଦେଲେ। ଗୋଟେ ମିନିଟ୍ ଭିତରେ
ସୁନ୍ଦର ଡଙ୍ଗାଟିଏ ତିଆରି ହୋଇଗଲା।

ସେମାନେ ଏହାକୁ ପାଣିରେ ପକାଇ ଦେଇ
ଏହା ଉପରକୁ ଉଠି ଆସିଲେ। ଏମାନଙ୍କ
ଡଙ୍ଗା ଆଗକୁ ଚାଲିଲା।





ପାଣି ଭିତରୁ ବେଙ୍ଗ ତା' ମୁଣ୍ଡ
ଉପରକୁ ଉଠାଇଲା।



ସେ ଏମାନଙ୍କୁ ଦେଖି ପୁଣି ହସି
ଆସୁଥିଲା କିନ୍ତୁ ଡଙ୍ଗାଟି ବହୁତ ବହୁତ
ଆଗକୁ ଚାଲିଯାଇଥିଲା। ଏତେ ଦୂରକୁ
ଚାଲିଯାଇଥିଲା ଯେ, ଡଙ୍ଗା ନିକଟକୁ
ସେ ପହଞ୍ଚି ପାରିନଥାନ୍ତା।




**ଡଙ୍ଗା ଚାଲିଲା**
DANGA CHALILA

Story and Illustrations: V. Suteyev
Publication: Chetana Biswal, Bansi Sharma (Editorial support),
Indu Nair, Khizar Mohammad, Kamlesh Yadav (Production)

Odia translation of *The Boat* published by Eklavya Foundation.

First edition: September 2025 / 1000 copies
Paper: 350 GSM Ivory Matt Art
ISBN: 978-93-48176-05-9
Price: ₹ 190.00

Developed with financial support from Parag Initiative of the Tata Trusts.

Published by: EKLAVYA FOUNDATION
Jamnalal Bajaj Parisar, Jatkhedi, Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in | books@eklavya.in

Printed at: Bhandari Press, Bhopal (MP)

parag
AN INITIATIVE OF TATA TRUSTS
eklavya

ମୂଲ୍ୟ: ₹ 190.00
9789348176059